# Akashvani, Sambalpur

## SAMBALPURI NEWS BULLETIN

### 13 April 2025- 6.47- 6.52 am.

**********************************************

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ୍ ) ଅଧିନିୟମ୍ -୨୦୨୪

ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଲାଗୁ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ୍ ) ଅଧିନିୟମ୍ -୨୦୨୪ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ବିଧାନ୍ସଭା ନ ପାରିତ୍ ହେଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଧେୟକ ୨୦୨୪କେ ସ୍ୱିକୃତୀ ଦେବାର୍ ଉତ୍ରୁ ରାଏଜେ ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଅଧିନିୟମ୍-୨୦୨୪ ଲାଗୁ କରାଯାଇଛେ । ଇ ଅଧିନିୟମ୍ ଜରିଏ ରାଏଜେ ଥିବା ବିଶ୍ୱବିଦ୍ୟାଳୟମାନ୍କର୍ ସ୍ୱାୟତତାକେ ସୁନିଶ୍ଚିତ୍ କର୍ବାର୍ ସହେତେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକେ ବିଶ୍ୱ ବିଦ୍ୟାଳୟର୍ ଆବଶ୍ୟକତା ଅନ୍ସାରେ ସରଳ ଆଉ ତୁର୍ତି କରାଯାଇପାର୍ବା । ଅଧିନିୟମ୍ ଲାଗୁ ହେବାର୍ ଉତ୍ରୁ

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଭୁବ୍ନେଶ୍ୱର୍ ଥାପ୍ନା ଦିବସ୍ I&PR

ରାଜ୍ଧାନୀ ଭୁବ୍ନେଶ୍ୱର୍ର ୭୭ ନମ୍ବର୍ ଥାପ୍ନା ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ଆଏଜ୍ ସଖାଲ୍ବେଲା ହେଇଥିବା କାର୍ଯ୍ୟକ୍ରମ୍ଥି ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶା ବିଧାନ୍ସୌଧ ଆଗାଡ଼େ ଥିବା ରାଜଧାନୀ ଶିଳାନ୍ୟାସ ଫଲକ ଥି ମାଲ୍ୟାର୍ପଣ କର୍ବାର୍ ସହେତେ ପତାକା ଉତୋଲନ୍ କରିଛନ୍ । ସେଆଡ଼େ ଭୁବ୍ନେଶ୍ୱର୍ ଉତ୍କଳ ମଣ୍ଡପ୍ ଠାନେ ବେଲ୍ବୁଡ଼େ ହେବାର୍କେ ଥିବା କାଯ୍ୟକ୍ରମ୍ଥି ରାଜ୍ୟପାଲ୍ ଡକକ୍ଟର୍ ହରିବାବୁ କମ୍ଭମ୍ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍ସରେ ୧୩ ଝନ୍ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ୍ ସମ୍ମାନ୍ ଦିଆଯିବା । ରାଜ୍ଧାନୀ ଥାପ୍ନା ଦିବସ୍ ଅବ୍ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ବାଚସ୍ପତି ସୁରମା ପାଢ଼ୀ ଶୁଭେଚ୍ଛା ଆଉ ଅଭିନନ୍ଦନ ଜନେଇଛନ୍ ।

ଓଡ଼ିଆ ପକ୍ଷ-ଆମ ରୁଚି ଆମ ଖାଦ୍ୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫିଂ'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।
ଓଡ଼ିଆ ପକ୍ଷ ପାଲନ୍‌ର ୧୩ ନମ୍ବର୍ ଦିନେ ଆଏଜ୍ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ୍ ହେବା ।

କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ I&PR

ରାଜ୍ୟ ସର୍‌କାର୍ ଜଲ୍ ସଂରକ୍ଷଣ୍ ପରିଚାଲନାକେ ପ୍ରାଥମିକତା ଦେବାର୍ ଲାଗି ବ୍ୟାପକ ପଦକ୍ଷେପ୍ ନେଇଛନ୍ । ରାଜ୍ୟର୍ ସେଚ ସାମର୍ଥ୍ୟକେ ବଢ଼ାବାର୍ ଦିଗେ କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ଏମ୍‌ଆଇପି ମାନ୍‌କର୍ ଯୋଗ୍‌ଦାନ୍ ରହିଛେ ଆଉ ଆଏବା ଦିନେ ଅଏତ୍‌କାନୁ ଅଏତ୍‌କା ଏମ୍‌ଆଇପି ଆଉ ଚେକ୍‌ଡେମ୍ ଜରିଏ ରାଜ୍ୟର୍ ଜଲ୍‌ସେଚନ୍ ସାମର୍ଥ୍ୟକେ ବଢ଼ାଯିବା ବଲି ଇ ବାବ୍‌ଦେ

ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗ କହିଛନ୍ ।
ଆଏବା ଦିନେ ରାଏଜେ ଅଏତ୍‌କା ୧୫ ଲାଖ୍ ହେକ୍ଟର୍ ଜମିକେ ପାଏନ୍ ମଡ଼ାଯିବାର୍ ବ୍ୟବସ୍ଥା କରାଯିବା । ଇତାକେ ନଜର୍‌ଥି ରଖିକରି ୮୦ ଟା ନୂଆଁ ଏମ୍‌ଆଇପି ଆଉ ୩ ହଜାର୍‌ଟା ଚେକ୍‌ଡେମ୍ ତିଆର୍ ହେବାର୍ ଲାଗି ରୋଡ୍‌ମେପ୍ ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ୱେଭ୍‌ସ୍ ପିଆଇବି

ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ସମ୍ମିଲନୀ- ୱେଭ୍‌ସ୍ - ୨୦୨୫ ଆଘୋନୁ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ୍‌ଥି ରିଜିଓନେଟ୍ ଦ ଇଡିଏମ୍ ଚେଲେଞ୍ଜ୍ ହେଇଯାଇଛେ । ଇତାର୍ ଜରିଏ ସଙ୍ଗୀତ୍ ପ୍ରଯୋଜନା ଆଉ ଲାଇଭ୍ ପରିବେଷଣ୍ କ୍ଷେତ୍ର୍‌ଥି ସୃଜନଶୀଳତା ଆଉ ସହଯୋଗ୍ ଲାଗି ଇଲେକ୍ଟ୍ରୋନିକ୍ ଡେନ୍ସ ମ୍ୟୁଜିକ୍- ଇଡିଏମ୍ ର ବିଶ୍ୱପ୍ରତିଭା ମାନ୍‌କୁ ଗୁଟେ ଜାଗା ନ କରାଯାଇପାରିଛେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ, ଭାରତୀୟ ସଂଗୀତ ଶିଳ୍ପ ଆଇଏମ୍‌ଆଇର ସହଯୋଗ୍‌ଥି ରିଜିଓନେଟ୍ ଦ ଇଡିଏମ୍ ଚଲେଞ୍ଜ୍ ଲାଗି ୧୦ ଝନ୍ ଶ୍ରେଷ୍ଠ କଲାକାର୍‌ଙ୍କର୍ ନାଁ ଘୋଷ୍‌ନା

କରାଯାଇଛେ । ବଛା ହେଇଥିବା ୧୦ ଝନ୍ କଲାକାର୍ ମେ ୧ ନୁ ୪ ତାରିଖ୍ ଭିତ୍‌ରେ ମୁମ୍ବାଇ ନ ହେବାର୍‌କେ ଥିବା ୱେଭ୍‌ସ୍ ସମ୍ମିଲନୀଥି ନିଜର୍ କଲା ପ୍ରଦର୍ଶନ୍ କର୍‌ବେ ।

ହନୁମାନ୍ ଜୟନ୍ତୀ-ପୁଲିସ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରେ ହେବାର୍‌କେ ଥିବାର୍ ହନୁମାନ୍ ଜୟନ୍ତୀ ଲାଗି ସମନ୍ୱୟ ସମିତି ତର୍‌ଫୁ ବ୍ୟାପକ ଆୟୋଜନ୍ କରାଯାଇଛେ । ସେଆଡ଼େ ପୁଲିସ୍ ପ୍ରଶାସନ୍ ତର୍‌ଫୁ ଭିଲ୍ ସହର୍ ନ ଆଇନ୍ ଶୃଙ୍ଖଲା ରକ୍ଷା କର୍‌ବାର୍ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଗଲାକାଏଲ୍ ବେଲ୍‌ବୁଢ଼େ ପୁଲିସ୍ ତର୍‌ଫୁ ହେଇଥିବା ଫ୍ଲାଗ୍‌ମାର୍ଚ୍ଚଥି ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍ ଆଉ ଆରକ୍ଷୀ ଅଧିକ୍ଷକ ମୁକେଶ୍ ଭାମୁ ସାମିଲ୍ ହେଇଥିଲେ । ଫ୍ଲାଗ୍‌ମାର୍ଚ୍ଚ ସହରର୍ ସମ୍ବେଦନ୍‌ଶୀଲ୍ ଇଲାକା ବୁଲିଥିଲା ।

ଅନ୍ତର୍ଜାତୀୟ ଶିଶୁ / ଯୁବ ଚଳଚ୍ଚିତ୍ର ମହୋତ୍ସବ       କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଆଏଜ୍‌ଠାନୁ ୩ ଦିନ୍ ଧରିକରି ୧୧ ନମ୍ବର୍ ଅନ୍ତର୍ଜାତୀୟ ଶିଶୁ / ଯୁବ ଚଳଚ୍ଚିତ୍ର

ମହୋତ୍ସବ୍ ଆୟୋଜିତ୍ ହେବା । ଇଥି ଦେଶ୍ ଆଉ ବିଦେଶ୍‌ର ୩୦ ନୁ ଅଏତ୍‌କା ଫିଚର୍ ଫିଲ୍ମ ପ୍ରଦର୍ଶିତ୍ ହେବା । ରାଏଜେ ପହେଲାଥର୍ ଲାଗି ସିଏଫ୍‌ସି ତର୍‌ଫୁ ଏନ୍ତା ମହୋତ୍ସବ୍‌ର ଆୟୋଜନ୍ କରାଯାଇଛେ ।

ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଆନ୍‌ସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଆନ୍‌ସିପ୍‌ଥି ଗଲାକାଏଲ୍ ୫ ଟା ମେଚ୍ ହେଇଥିଲା । ଇ ମେଚ୍ ମାନ୍‌କେ ଓଡ଼ିଶା ମହିଳା ପୁଲିସ୍ ଦଲ୍- ବିଏସ୍‌ଏଫ ଦଲ୍‌ନୁ, ମଧ୍ୟପ୍ରଦେଶ୍ ଦଲ୍- ତ୍ରିପୁରା ପୁଲିସ୍ ଦଲ୍‌ନୁ, ତାମିଲ୍‌ନାଡୁ- ମହାରାଷ୍ଟ୍ର ପୁଲିସ୍ ଦଲ୍‌ନୁ , ରାଜସ୍ଥାନ୍ - ଉତରାଖଣ୍ଡ ପୁଲିସ୍ ଦଲ୍‌ନୁ ଆର୍ ତାମିଲ୍‌ନାଡୁ -ପୁଡୁଚେରୀ ପୁଲିସ୍ ଦଲ୍‌ନୁ ଜିତିଛନ୍ ।

ଓଡ଼ିଆ ପକ୍ଷ -ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଗଲାକାଏଲ୍ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆର୍ ଜିଲ୍ଲା ପ୍ରଶାସନ୍, ଜିଲ୍ଲା ସଂସ୍କୃତି ବିଭାଗ୍ ଆଉ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ମିଲିତ୍ ସହଯୋଗ୍‌ଥି ବରପୁତ୍ରଙ୍କର୍ ବାବ୍‌ଦେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର୍ ସୁଶାନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଗଲାକାଏଲ୍ ଧୁକାଗର୍ଦ୍ଦି ସାଙ୍ଗେ ବର୍ଷା ହେଇଯାଇଛେ । ରାଜ୍ୟର୍ ୧୩ ଟା ଜିଲ୍ଲା ନ ଆଏଜ୍ ଧୁକାଗର୍ଦ୍ଦି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଅଏତ୍‌କା ତାପମାତ୍ରା ୪୧ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।